# ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ସହିତ ବୁଝାମଣା ପତ୍ର

| | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| O | R | R | M | K | S | P | - | A | G | R | I | 0 | 0 | 0 | **0** | **0** | **0** | **4** | **0** | **0** | **0** | **1** |

**ଏହି ବୁଝାମଣା ପତ୍ରଟିର ସମୟ ଅବଧି.............................ଠାରୁ ...............................ପର୍ଯ୍ୟନ୍ତ**

ଆମ୍ଭେ କୁମାରୀ/ଶ୍ରୀମତି/କୁମାର/ ଶ୍ରୀ...................................................................................................

ପିତା -ସ୍ୱାମୀ ....................................ବାସିନ୍ଦା ..........................ଠିକଣା ....................................

ବ୍ଲକ. ...................................ଜିଲ୍ଲା ..........................................................................................

ଅଦ୍ୟ ତା : ........................ ରିଖ ଦିନ ଆମ ଅଂଚଳରେ ଗଢ଼ିଉଠିଥିବା ଉତ୍ପାଦନକାରୀ ଦଳ ଗୁଡ଼ିକ ସହିତ ନିମ୍ନ ଲିଖିତ ସର୍ତାବଳୀ ଆଧାରରେ ବୁଝାମଣା ପତ୍ର ହସ୍ତାକ୍ଷର କରୁଛି:

୧. ମୁଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସଚ୍ଚୋଟତା ର ସହିତ ଆଦିବାସୀ ମହିଳା ଚାଷୀ ଉତ୍ପାଦନକାରୀ ଦଳ ଗୁଡ଼ିକୁ ସାହଯ୍ୟ କରିବାରେ ଉଦ୍ୟମ କରିବି,

୨. ଏହି ବୁଝାମଣା ପତ୍ର ଦସ୍ତଖତ କରିବା ସମୟରେ ଜାଣୁଛି କି ଏହି କାମଟି ଏକ ଚାକିରୀ ନୁହେଁ ବରଂ ଏକ ସ୍ୱେଚ୍ଛାସେବୀ କାମ ।

୩. ଏହି କାମଟି କରିବା ସମୟରେ ମୁଁ ମୋ ନିଜ ଜମିରେ ଚାଷ କାମ ମଧ୍ୟ କରିବି ।

୪. ଯେ ହେତୁ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରୁଛି, ମୁଁ ମୋ ନିଜ ସମୟରୁ କିଛି ସମୟ ବାହାର କରି ଦଳ ଗୁଡ଼ିକୁ ସାହାଯ୍ୟ କରିବାର କାମ କରିବି (ନିଜେ ତାଲିମ ନେବା ଦିନ ଗୁଡ଼ିକୁ ଛାଡ଼ି) ଓ ଆବଶ୍ୟକତା ଅନୁଯାୟୀ ସମୟ ଦେବି ।

୫. ବିଭିନ୍ନ ପ୍ରକାର କାର୍ଯ୍ୟପାଇଁ ଉଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ମୋର କାମକୁ ନେଇ ମିଳିବ । ସବୁ ମାସରେ ସମାନ ପ୍ରୋତ୍ସାହନ ରାଶି ହୋଇ ନପାରେ । ମୋର ପ୍ରୋତ୍ସାହନ ରାଶି ସାଧାରଣତଃ "ଓରୀସା" ଅନୁଷ୍ଠାନର ମହିଳା କୃଷକ ପରିଯୋଜନା ପ୍ରକଳ୍ପ ଅନୁଦାନରୁ ଅତିବେଶୀରେ ମାସିକ ଟ. ୨୧୦୦/-(ଦୁଇ ହଜାର ଏକ ଶହ ଟଙ୍କା ମାତ୍ର) ମିଳିପାରେ । ଏହା ବ୍ୟତିତ ମହିଳା ଉତ୍ପାଦନକାରୀ ଦଳ କିମ୍ବା ମହିଳା ସ୍ୱୟଂ ସହାୟକ ଦଳ ଗୁଡ଼ିକ ଠାରୁ ସେମାନଙ୍କ ଦ୍ୱାରା ଧାର୍ଯ୍ୟ କାର୍ଯ୍ୟ ପାଇଁ ଅଲଗା ପ୍ରୋତ୍ସାହନ ରାଶି ମଧ ମିଳିପାରେ ।

୬. ଏହି ପ୍ରୋତ୍ସାହନ ରାଶି ପାଇବା ସମୟରେ ଉତ୍ପାଦନକାରୀ ଦଳର ସଭାପତି ଓ ସମ୍ପାଦିକାଙ୍କ ସ୍ୱାକ୍ଷର ଥାଇ କାର୍ଯ୍ୟ ବିବରଣୀ ପ୍ରଦାନ କରିଲେ "ଓରୀସା" ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୋତେ ମହିଳା କୃଷକ ପରିଯୋଜନା ପ୍ରକଳ୍ପର ଉଦ୍ଦିଷ୍ଟ ପ୍ରୋତ୍ସାହନ ରାସି ପ୍ରଦାନ କରିବ ।

୭. ମୁଁ ଗ୍ରାମରେ କାର୍ଯ୍ୟ କରିବା ସମୟରେ ମୋର କୌଣସି କାମ ପାଇଁ ମୁଁ କୌଣସି ବ୍ୟକ୍ତିଙ୍କ ଠାରୁ ସିଧାସଳଖ ପ୍ରୋତ୍ସାହନ ରାଶି ନିଜ ନିଷ୍ପତିରେ ନେଇପାରିବି ନାହିଁ ।

୮. ମୁଁ କାର୍ଯ୍ୟ କରୁଥିବା ଉତ୍ପାଦନକାରୀ ଦଳ/ଦଳ ସମୁହଙ୍କ ଲିଖିତ ନିଷ୍ପତି ଆଧାରରେ ଯେ କୌଣସି କାର୍ଯ୍ୟ ପାଇଁ ମୋର କାମ ବଦଳର ପ୍ରୋତ୍ସାହନ ରାଶି ନିର୍ଦ୍ଧାରଣ କରାଯାଇ ପାରିବ । ଉତ୍ପାଦନକାରୀ ଦଳ ଗୁଡ଼ିକର ନିଷ୍ପତି ଅଧାରରେ ମୋର ସେବା ପାଇଁ ସ୍ୱୟଂ ସହାୟକ ଦଳ ଅଥବା ଉତ୍ପାଦନକାରୀ ଦଳ ଠାରୁ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ମୁଁ ନେଇ ପାରିବି ।

| O | R | R | M | K | S | P | - | A | G | R | I | 0 | 0 | 0 | **0** | **0** | **0** | **4** | **0** | **0** | **0** | **1** |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|

୯. ମୁଁ ପୂର୍ବଭାବେ ଅବଗତ ଅଛିକି ମୁଁ କାର୍ଯ୍ୟ କରିବା ସମୟରେ କୌଣସି ମା'ଠାରୁ , ସ୍ୱୟଂ ସହାୟକ ଦଳରୁ କିମ୍ବା ଉତ୍ପାଦନକାରୀ ଦଳର କୌଣସି ଅର୍ଥ ନିଜ ଇଛାରେ ନେବି ନାହିଁ ଅଥବା ଏମାନଙ୍କ ଦଳର ପାଣ୍ଠିକୁ ନିଜ ନିଷ୍ପତି ଅଧାରରେ କୌଣସି କାମରେ ଲଗାଇବି ନାହିଁ । ଏହି ଦଳ ଗୁଡ଼ିକର ପାଣ୍ଠିକୁ ଦଳ ଗୁଡ଼ିକର ଲିଖିତ ନିଷ୍ପତି ଅନୁଯାୟୀ କାର୍ଯ୍ୟରେ ଲଗାଇବାରେ ସହାୟକ ହେବି ।

୧୦. ମୋ ଦାୟିତ୍ୱରେ ଥିବା ଗୋଷ୍ଠୀ ସାଧନ ବ୍ୟକ୍ତିମାନଙ୍କୁ ଧରି ମହିଳା ସ୍ୱୟଂ ସହାୟକ ଦଳ ଓ ମହିଳା କୃଷି ଉତ୍ପାଦନକାରୀ ଦଳ ଗୁଡ଼ିକର ନଥି ତଥା ହିସାବ ଖାତା ଗୁଡ଼ିକ ମାସକୁ ମାସ ବୈଠକ ଆଧାରରେ ଲିପିବଦ୍ଧ କରି ରଖାଇବି ।

୧୧. ପ୍ରତ୍ୟେକ ମାସ, ଋତୁ ବା ଚାଷ ଅବଧି ଆଧାରରେ ଦାୟିତ୍ୱରେ ଥିବା ଗୋଷ୍ଠୀ ସାଧନ ବ୍ୟକ୍ତିମାନଙ୍କୁ ଧରି ସ୍ୱୟଂ ସହାୟକ ଦଳ ଓ ମହିଳା ଚାଷୀ ଉତ୍ପାଦନକାରୀ ଦଳ ଗୁଡ଼ିକର କାର୍ଯ୍ୟ ଯୋଜନା ଗୁଡ଼ିକୁ ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଇବାରେ ସହାୟକ ହେବି ।

୧୨. ମୋ କାମ ଅଂଚଳର ଗୋଷ୍ଠୀ ସାଧନ ବ୍ୟକ୍ତିମାନଙ୍କୁ ଧରି ସ୍ୱୟଂ ସହାୟକ ଦଳ ଓ ମହିଳା କୃଷି ଉତ୍ପାଦନକାରୀ ଦଳ ଗୁଡ଼ିକର ବାର୍ଷିକ କାର୍ଯ୍ୟ ଯୋଜନା ଓ ପରିଚାଳନାରେ ସହାୟତା କରିବି ।

୧୩. ଗୋଷ୍ଠୀ ସାଧନ ବ୍ୟକ୍ତିମାନଙ୍କ ଦ୍ୱାରା ଅଥବା ସିଧା ସଳଖ ଭାବେ ମୋ ଅଂଚଳର ସ୍ୱୟଂସହାୟକ ଦଳ ଓ ମହିଳା କୃଷି ଉତ୍ପାଦନକାରୀ ଦଳ ସଭ୍ୟାମାନଙ୍କୁ ବିଭିନ୍ନ କୃଷି କାର୍ଯ୍ୟ କରିବା ପାଇଁ ସହାୟତା ପ୍ରଦାନ କରିବି ।

୧୪. ମହିଳା କୃଷି ଦଳ ଓ ସ୍ଥାନୀୟ ଗ୍ରାମ ପଂଚାୟତ ଓ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଯୋଗାଯୋଗ ସ୍ଥାପନ ଦିଗରେ ସହାୟକ ହେବି ।

୧୫. ମହିଳା ଦଳ ସଭ୍ୟାମାନଙ୍କୁ ନିଜ ଅଂଚଳର ଦେଶୀ ବିହନ ଓ ପାରମ୍ପରିକ ଚାଷ ଧାରା ଆଧାରରେ ଅଧିକା ଖାଦ୍ୟ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରାଇବି ।

୧୬. ମହିଳାମାନଙ୍କର ବଳକା କୃଷି ଉତ୍ପାଦନ ଗୁଡ଼ିକୁ ବଜାରରେ ଉଚିତ୍ ମୂଲ୍ୟରେ ବିକ୍ରି କରାଇବା ପାଇଁ ଉତ୍ପାଦନକାରୀ ଦଳ ତଥା "ଓରୀସା" ଅନୁଷ୍ଠାନର ଯୋଜନା ଅଧାରରେ ସାହାଯ୍ୟ କରିବି ।

୧୭. ମୋର କାର୍ଯ୍ୟ ଧାରାରେ କୌଣସି ପ୍ରକାରରେ ଅଧିକ ଅମଳକ୍ଷମ ବିହନ, ଜିନ୍ ପରିବର୍ତିତ ବିହନ କିମ୍ବା ରାସାୟନିକ ଖତ, ରାସାୟନିକ ସାର ଓ ରାସାୟନିକ ଔଷଧକୁ ପ୍ରୋତ୍ସାହନ ଦେବି ନାହିଁ । ବରଂ ଚିରନ୍ତନ କୃଷି ଧାରାରେ ମା'ମାନ୍ଙ୍କୁ ଓ ସେମାନଙ୍କ ପରିବାରକୁ ନିଜ ସମ୍ବଳ ଆଧାରରେ କୃଷିକାର୍ଯ୍ୟ କରିବାକୁ ଉତ୍ସାହିତ କରାଇବି ।

୧୭.୧ ମୁଁ ମହିଳା ସ୍ୱୟଂ ସହାୟକ ଦଳଗୁଡ଼ିକର ସଭ୍ୟା ଓ ମହିଳା ଉତ୍ପାଦନକାରୀ ଦଳର ସଭ୍ୟାମାନଙ୍କୁ ଚିରନ୍ତନ କୃଷି ଧାରା ଶିଖାଇବା ପାଇଁ ଆବଶ୍ୟକ ଦକ୍ଷତା ଯଥା; ବିଭିନ୍ନ ପ୍ରକାରର ଖତ ତିଆରି ଯାହାକି ସ୍ଥାନୀୟ ସମ୍ବଳ ଆଧାରରେ ଉପଯୁକ୍ତ, ସ୍ଥାନୀୟ ସମ୍ବଳ ବ୍ୟବହାର କରି ବିଭିନ୍ନ ଚାଷ ପାଇଁ ରୋଗ ପୋକ ପରିଚାଳନା, ସମନ୍ୱିତ ରୋଗ ପୋକ ଓ ଚାଷ ପରିଚାଳନା, ଦେଶୀ ବିହନର ସୁରକ୍ଷା, ପାରମ୍ପରିକ ଧାରାରେ ଉନ୍ନତ ବିହନ ମହିଳା ଚାଷୀମାନଙ୍କ ଦ୍ୱାରା ଉତ୍ପାଦନ, ବିହନ ବିଶୋଧନ, ଜମି ଓ ପାଣି ପରିଚାଳନା, ବିହନ ସଂରକ୍ଷଣ ଓ ବଳକା ଶସ୍ୟକୁ ବଜାରରେ ବିକ୍ରି କରାଇବା ଇତ୍ୟାଦି କାମକୁ ଭଲ ଭାବରେ ଶିଖି ମହିଳା ଚାଷୀମାନଙ୍କୁ ଶିଖାଇବେ ଓ ନିଜେ ମଧ୍ୟ ଅଭ୍ୟାସ କରିବି ।

| | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| O | R | R | M | K | S | P | - | A | G | R | I | 0 | 0 | 0 | **0** | **0** | **0** | **4** | **0** | **0** | **0** | **1** |

୧୮. ଯେହେତୁ ମହିଳା କୃଷକ ସଶକ୍ତିକରଣ କାର୍ଯ୍ୟକ୍ରମଟି ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ କରାଯାଉଛି ତେଣୁ ପ୍ରକଳ୍ପଟିର କାର୍ଯ୍ୟକାରୀତା ସରକାରଙ୍କ ନିଷ୍ପତି ଉପରେ ନିର୍ଭର କରିବ ଯଦି କୌଣସି ପ୍ରକାରେ ପ୍ରକଳ୍ପ ଅର୍ଥ ପହଂଚିବାରେ ବିଳମ୍ବ ଅଥବା ବନ୍ଦ ହୋଇଯାଏ ତେବେ "ଓରୀସା" ଅନୁଷ୍ଠାନ ସାଧନ ବ୍ୟକ୍ତିଙ୍କ ପାଇଁ ପ୍ରକଳ୍ପ ଦ୍ୱାରା ଉଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ପ୍ରଦାନ କରିପାରିବ ନାହିଁ

୧୯. ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି ଜଣକ କୌଣସି ଉତ୍ପାଦନକାରୀ ଦଳର କାର୍ଯ୍ୟକାରିଣି କମିଟିର ସଭ୍ୟା ହୋଇନଥିବେ କିମ୍ବା କୌଣସି ପଦ ପଦବୀରେ ଅଧିଷ୍ଠୀତ ନଥିବେ । ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି ଜଣକ କୌଣସି ରାଜନୀତି ଦଳର କାର୍ଯ୍ୟକାରିଣି କମିଟିର ସଭ୍ୟା ହୋଇନଥିବେ କିମ୍ବା କୌଣସି ପଦ ପଦବୀରେ ଅଧିଷ୍ଠୀତ ନଥିବେ ।

୨୦. ଏହି ବୁଝାମଣା ପତ୍ରଟିକୁ ମହିଳା ଉତ୍ପାଦନକାରୀ ଦଳ/ଦଳଗୁଡ଼ିକ ଅଥବା ମହିଳା ଉତ୍ପାଦନକାରୀ ଦଳ ମାନଙ୍କର ପଂଚାୟତ ସ୍ତରୀୟ କମିଟି କୌଣସି ସମୟରେ ରଦ୍ଧ କରିଦେଇ ପାରନ୍ତି ଓ ଏଥିପାଇଁ କୌଣସି କୈଫୟତ ପ୍ରଦାନ କରାଯାଇନପାରେ ।

୨୧. ଗୋଷ୍ଠୀ ସମ୍ବଳ ବ୍ୟକ୍ତି ଅନ୍ତତଃ ପକ୍ଷେ ୧୫ ଦିନ ନୋଟିସ୍ ପ୍ରଦାନ କରି ବୁଝାମଣା ପତ୍ର କୁ ନାକଚ କରିଦେଇ ପାରିବେ ।

ଉତ୍ପାଦନକାରୀ ଦଳର ନାମ :..........................................................ଉତ୍ପାଦନକାରୀ ଦଳ ପକ୍ଷରୁ ସ୍ୱାକ୍ଷର କରୁଥିବା ସଭ୍ୟାଙ୍କ ନାମ : ......................................................................ଦସ୍ତଖତ.......................................................

ଉତ୍ପାଦନକାରୀ ଦଳର ନାମ :..........................................................ଉତ୍ପାଦନକାରୀ ଦଳ ପକ୍ଷରୁ ସ୍ୱାକ୍ଷର କରୁଥିବା ସଭ୍ୟାଙ୍କ ନାମ : ......................................................................ଦସ୍ତଖତ.......................................................

ଉତ୍ପାଦନକାରୀ ଦଳର ନାମ :..........................................................ଉତ୍ପାଦନକାରୀ ଦଳ ପକ୍ଷରୁ ସ୍ୱାକ୍ଷର କରୁଥିବା ସଭ୍ୟାଙ୍କ ନାମ : ......................................................................ଦସ୍ତଖତ.......................................................

ଉତ୍ପାଦନକାରୀ ଦଳର ନାମ :..........................................................ଉତ୍ପାଦନକାରୀ ଦଳ ପକ୍ଷରୁ ସ୍ୱାକ୍ଷର କରୁଥିବା ସଭ୍ୟାଙ୍କ ନାମ : ......................................................................ଦସ୍ତଖତ.......................................................

"ଓରୀସା" ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ନାମ :..................................................................

ଦସ୍ତଖତ :..................................................

ତାରିଖ :..................................................

ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ

ନାମ : ..................................................

ଦସ୍ତଖତ..................................................

# ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ସହିତ ବୁଝାମଣା ପତ୍ର

| | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| O | R | R | M | K | S | P | - | A | G | R | I | 0 | 0 | 0 | **0** | **0** | **0** | **4** | **0** | **0** | **0** | **1** |

## ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ବ୍ୟକ୍ତିଗତ ବିବରଣୀ

| | | | | |
|---|---|---|---|---|
| ନାମ : | | | | ଫଟୋ |
| ପିତା/ସ୍ୱାମୀଙ୍କ ନାମ : | | | | |
| ବୟସ : | ଜାତି: | ଲିଙ୍ଗ: | ଧର୍ମ: | |
| ପରିଚୟ ପତ୍ରର ନାମ, ନମ୍ବର | | | | |
| ଠିକଣା : | | | | |
| ନିଜର ମୋବାଇଲ ନଂ | ପଡ଼ୋଶୀ କିମ୍ବା ଘରର ଅନ୍ୟ କାହାର ଫୋନ୍ ନଂ. | | | |
| ଶିକ୍ଷାଗତ ଯୋଗ୍ୟତା : | ବ୍ୟାଙ୍କ ଖାତା ନଂ | | | |
| ନିଜ ଚାଷ ଜମି ପରିମାଣ : | ବ୍ୟାଙ୍କର ନାମ ଓ କୋଡ଼ | | | |
| ଚିରନ୍ତନ କୃଷି କାର୍ଯ୍ୟର ଅଭିଜ୍ଞତା: | | | | |
| ଯଦି ମହିଳା ଉତ୍ପାଦନକାରୀ ଦଳର /ମହିଳା ସ୍ୱୟଂ ସହାୟକ ଦଳର ସଭ୍ୟା ହୋଇଥିବେ<br>ଦଳର ନାମ: ସ୍ଥାନ : | | | | |
| କେବେଠାରୁ ସଦସ୍ୟ ଅଛନ୍ତି ? | | | | |

:ତାରିଖ : ଦସ୍ତଖତ